# NEWS COVERAGE ON SHREERAM COLLEGE, RAMPUR

## DHARITRI ODIA DAILY NEWS PAPER

# ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ




ଉତ୍ସବରେ ଉପସ୍ଥିତ ପରିଚାଳନା କମିଟି ସଭାପତି ଓ ଅଧ୍ୟାପକବୃନ୍ଦ ।

**ଢୁଙ୍ଗୁରିପାଲି,୨୯।୯(ଡି.ଏନ.ଏ.)**

### ଶ୍ରୀରାମ ମହାବିଦ୍ୟାଳୟ

ସୁବର୍ଣ୍ଣପୁର ଜିଲା ଢୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ତରଣୀସେନ ବେହେରା ଉତ୍ସବରେ ସଭାପତିତ୍ୱ କରି କଲେଜର ନୀତିନିୟମ, ଶୃଙ୍ଖଳା, ଦାୟିତ୍ୱବୋଧ, ପରିଚ୍ଛନ୍ନତା,ସମୟ ସଚେତନତା ତଥା ପାରସ୍ପରିକ ସଦ୍‌ଭାବ ରକ୍ଷା କରି ପଠନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କଲେଜର ଗୌରବମୟ ଐତିହ୍ୟ ଉପରେ ଆଲୋକପାତ କରି ସେହି ଗାରିମାକୁ ବଜାୟ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ । ଯୁକ୍ତ ଦୁଇ ବିଭାଗର ଉପାଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ରଥ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଓ କଲେଜର ବିଧିବଦ୍ଧ ନିୟମକୁ ପାଳନ କରିବାକୁ ଛାତ୍ରୀଛାତ୍ରମାନେ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ନିଜ ବିଷୟର ପାଠ୍ୟ ଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପୁସ୍ତକର ଉପାଦେୟତା ସଂପର୍କରେ, ଛାତ୍ରାବାସ ଅଧ୍ୟକ୍ଷ ଅଧ୍ୟାପକ ଡ. ରବିନାରାୟଣ ତ୍ରିପାଠୀ ଅନ୍ତେବାସୀଙ୍କ ନୀତି, ନିୟମ ସଂପର୍କରେ ତଥା ଅଧ୍ୟାପକ ପ୍ରମୋଦ କୁମାର ଭୋଇ ପରୀକ୍ଷା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ କଲେଜର କ୍ୟାଲେଣ୍ଡର ପୁସ୍ତିକା ବଣ୍ଟନ କରାଯାଇଥିଲା । ଅଧ୍ୟାପକ ଡ.ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

## SAMAJ ODIA DAILY NEWS PAPER

# ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ



ଉତ୍ସବରେ ଉପସ୍ଥିତ ପରିଚାଳନା କମିଟି ସଭାପତି ଓ ଅଧ୍ୟାପକବୃନ୍ଦ ।

**ଢୁଙ୍ଗୁରିପାଲି,୨୯।୯(ଡି.ଏନ.ଏ.)**

### ଶ୍ରୀରାମ ମହାବିଦ୍ୟାଳୟ

ସୁବର୍ଣ୍ଣପୁର ଜିଲା ଢୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଶ୍ରୀରାମ ମହାବିଦ୍ୟାଳୟ ରାମପୁରରେ ଯୁକ୍ତ ଦୁଇ ପ୍ରଥମ ବର୍ଷ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ତରଣୀସେନ ବେହେରା ଉତ୍ସବରେ ସଭାପତିତ୍ୱ କରି କଲେଜର ନୀତିନିୟମ, ଶୃଙ୍ଖଳା, ଦାୟିତ୍ୱବୋଧ, ପରିଚ୍ଛନ୍ନତା,ସମୟ ସଚେତନତା ତଥା ପାରସ୍ପରିକ ସଦ୍‌ଭାବ ରକ୍ଷା କରି ପଠନ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ପରିଚାଳନା କମିଟିର ସଭାପତି ରମେଶଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କଲେଜର ଗୌରବମୟ ଐତିହ୍ୟ ଉପରେ ଆଲୋକପାତ କରି ସେହି ଗାରିମାକୁ ବଜାୟ ରଖିବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ କରିଥିଲେ । ଯୁକ୍ତ ଦୁଇ ବିଭାଗର ଉପାଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ କୁମାର ମିଶ୍ର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ରଥ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ନିୟମାବଳୀ ଓ କଲେଜର ବିଧିବଦ୍ଧ ନିୟମକୁ ପାଳନ କରିବାକୁ ଛାତ୍ରୀଛାତ୍ରମାନେ ସଂକଳ୍ପବଦ୍ଧ ହେବା ପାଇଁ ପରାମର୍ଶ ଦେଇଥିଲେ। ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ ନିଜ ବିଷୟର ପାଠ୍ୟ ଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ । ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପୁସ୍ତକର ଉପାଦେୟତା ସଂପର୍କରେ, ଛାତ୍ରାବାସ ଅଧ୍ୟକ୍ଷ ଅଧ୍ୟାପକ ଡ. ରବିନାରାୟଣ ତ୍ରିପାଠୀ ଅନ୍ତେବାସୀଙ୍କ ନୀତି, ନିୟମ ସଂପର୍କରେ ତଥା ଅଧ୍ୟାପକ ପ୍ରମୋଦ କୁମାର ଭୋଇ ପରୀକ୍ଷା ପ୍ରଣାଳୀ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ କଲେଜର କ୍ୟାଲେଣ୍ଡର ପୁସ୍ତିକା ବଣ୍ଟନ କରାଯାଇଥିଲା । ଅଧ୍ୟାପକ ଡ.ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ ।

**NEWS COVERAGE ON SHREERAM COLLEGE, RAMPUR**

**SAMBAD ODIA DAILY NEWS PAPER**

# ଶ୍ରୀରାମ ମହାବିଦ୍ୟାଳୟରେ ପ୍ରବେଶ ଉତ୍ସବ

ଏସ୍.ରାମପୁର, ୨୯।୯ (ଇମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଶ୍ରୀରାମ ମହାବିଦ୍ୟାଳୟ ପରିସରରେ ଆଜି ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ଦୁଇ ବିଭାଗର ଉପାଧ୍ୟକ୍ଷ ତଥା ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ ମିଶ୍ର ସଭାର ଆଭିମୁଖ୍ୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମଧୁସୂଦନ ରଥ ସରକାରଙ୍କ ଦ୍ୱାରା ପ୍ରଣିତ ନୀତିନିୟମ ପାଳନ କରିବା ସହ ମହାବିଦ୍ୟାଳୟର ବିଧିବଦ୍ଧ ନିୟମାବଳୀକୁ ପାଳନ ପୂର୍ବକ ସଂକଳ୍ପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରନ୍ଥାଗାରିକ ଆନନ୍ଦ ପଧାନ ପୁସ୍ତକର ଉପାଦେୟତା ବିଷୟରେ, ଛାତ୍ରାବାସ ଅଧ୍ୟକ୍ଷ ଅଧ୍ୟାପକ ଡ. ରବିନାରାୟଣ ତ୍ରିପାଠୀ ଅନ୍ତେବାସୀଙ୍କ ନୀତିନିୟମ ବିଷୟରେ, ଅଧ୍ୟାପକ ପ୍ରମୋଦ ଭୋଇ ପରୀକ୍ଷା ପ୍ରଣାଳୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ କଲେଜର କ୍ୟାଲେଣ୍ଡର ପୁସ୍ତିକା ବଣ୍ଟନ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।




BOLANGIRI SONEPUR BOUDHA Edition
Page No.3 September 30, 2022